# ପିଲାଙ୍କ ଧରିତ୍ରୀ



ଶନିବାର, ୧୮ ମେ, ୨୦୧୯



୭ ଜଣା -ଅଜଣା

ସ୍କୁଲ୍ - ସ୍କୁଲ୍ ୩






୮ ଆଇନା



ଗପ ୨

# ମତାମତ

"ଗଳ୍ପ ବିଭାଗରେ ସ୍ଥାନିତ 'ମା ସର୍ବଦା ବନ୍ଦନୀୟା' ବେଶ୍ ଶିକ୍ଷଣୀୟ। ମାତୃ ଦିବସ ସମ୍ପର୍କିତ କବିତା ଦୁଇଟି ହୃଦୟସ୍ପର୍ଶୀ ଥିଲା। ଖିଲିଖିଲି ହସ ପଢି ଖୁବ୍ ହସିଲି।

**- ପ୍ରଶାନ୍ତ କୁମାର ରାଉଳ,**
ଜଳେଶ୍ୱର, ବାଲେଶ୍ୱର

"ତୁମ ତୂଳୀରୁ ପୃଷ୍ଠାରେ ସ୍ଥାନିତ ମାତୃ ଦିବସ ସମ୍ପର୍କିତ ସମସ୍ତ ଚିତ୍ର ଖୁବ୍ ସୁନ୍ଦର ହୋଇଥିଲା। କୁନି କୁନି ପିଲାଙ୍କ କଳାକୁ ପ୍ରତିଫଳିତ କରିବାରେ ବେଶ୍ ସହାୟକ ହୋଇପାରୁଛି ପିଲାଙ୍କ ଧରିତ୍ରୀ।

**- ପ୍ରମୋଦ କୁମାର ବାରିକ୍,**
ପଲ୍ଲାହାଟ, ଖୋର୍ଦ୍ଧା

"କହିଲ ଦେଖି ସ୍ତମ୍ଭର ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ମଜା ଲାଗୁଛି।

**- ମନୀଷା, ତିତିଷା,**
ଗୋହିରା, ଆନନ୍ଦପୁର

"ଖିଲି ଖିଲି ହସରେ ପ୍ରକାଶିତ ଦୁଇ ଚାମଚ କଥା ପଢି ଖୁବ୍ ହସିଲି।

**- ଲୋପାମୁଦ୍ରା ପାତ୍ର,**
ବକ୍ସିବଜାର, କଟକ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795




# କୃପଣ ହାଡୁ ପାଇଲା ପାନେ

**ହା**ଡୁ ଥିଲା ଭାରି କୃପଣ। ଦିନେ ସେ ହାଟକୁ ନଡ଼ିଆ କିଣିବାକୁ ଯାଇଥିଲା। ନଡ଼ିଆ କେତେ ଦାମ୍ ବୋଲି ସେ ନଡ଼ିଆ ବିକାଳିକୁ ପଚାରିଲା।

ନଡ଼ିଆବିକାଳି ଉତ୍ତର ଦେଲା: ପାଞ୍ଚ ଟଙ୍କା।

ହାଡୁ କହିଲା: ବହୁତ ଦାମ୍ କହୁଛ। ଚାରି ଟଙ୍କାରେ ଦେବକି ? କିନ୍ତୁ ନଡ଼ିଆ ବିକାଳି ମନା କଲା। କହିଲା ଆଗକୁ କିଲୋମିଟରେ ଗଲେ ଚାରି ଟଙ୍କାରେ ନଡ଼ିଆ ମିଳିପାରେ।

ହାଡୁ ଆଗକୁ କିଲୋମିଟରଟେ ଚାଲିଲା। ସେଠାରେ ନଡ଼ିଆ ବିକୁଥିବା ଲୋକକୁ ପଚାରିଲା: ନଡ଼ିଆ କେତେ ଦାମ୍ ଭାଇ ?

ନଡ଼ିଆ ବିକାଳି ଉତ୍ତର ଦେଲା: ୪ ଟଙ୍କା।

ହାଡୁ ପଚାରିଲା: ୩ ଟଙ୍କାରେ ଦେବ କି ?

ନଡ଼ିଆ ବିକାଳି ମନା କଲା, କହିଲା: ତିନିଟଙ୍କାରେ ନଡ଼ିଆ ଆଗକୁ କିଲୋମିଟରଟେ ଗଲେ ମିଳିପାରେ। ହାଡୁ ଚାଲିଲା ଆଗକୁ। ଏକ କିଲୋମିଟର ଗଲାପରେ ସେଠି ନଡ଼ିଆ ୩ ଟଙ୍କାରେ ବିକୁଥିବା ଲୋକଙ୍କୁ ୨ ଟଙ୍କାରେ ଦେବା ପାଇଁ ଜିଦ୍ କଲା। ନଡ଼ିଆ ବିକାଳି ମନାକରି କହିଲା ଆଗକୁ ୧ କିଲୋମିଟର ଯାଇ ଦେଖ ସେଠାରେ ଦୁଇଟଙ୍କାରେ ନଡ଼ିଆ ମିଳିପାରେ। ହାଡୁ ସେଇଠୁ ଚାଲିଲା ଏକ କିଲୋମିଟର ଆଗକୁ। ସେଠାରେ ପହଞ୍ଚି ଦି' ଟଙ୍କାରେ ନଡ଼ିଆ ବିକୁଥିବା ଲୋକଙ୍କୁ ଅନୁରୋଧ କଲା ଏକ ଟଙ୍କାରେ ନଡ଼ିଆ ଦେବାକୁ। ସେ ମନା କଲା। କହିଲା: ଆଗକୁ କିଲୋମିଟରେ ଯାଇ ଦେଖ।

ହାଡୁ ଆଗକୁ ପୁଣି ଏକ କିଲୋମିଟର ଯାଇ ଦେଖିଲା ନଡ଼ିଆ ଏକ ଟଙ୍କାରେ କେହିହେଲେ ବିକୁନାହାନ୍ତି। ସେମାନେ କହିଲେ: ତମେ ଆଗକୁ ଏକ କିଲୋମିଟର ଗଲେ ମାଗଣାରେ ନଡ଼ିଆ ଗଛରୁ ତୋଳି ଆଣିପାରିବ, ଯାଉନ। ହାଡୁ ବିନା ପଇସାରେ ନଡ଼ିଆ ପାଇଯିବ ଭାବି ପୁଣି ଏକ କିଲୋମିଟର ଆଗକୁ ଚାଲିଲା। ଚାଲି ଚାଲି ଯାଇ ପହଞ୍ଚିଲା ସମୁଦ୍ର କୂଳରେ। ଦେଖିଲା ଧାଡ଼ି ଧାଡ଼ି ନଡ଼ିଆ ଗଛ ନଡ଼ିଆରେ ଭର୍ତ୍ତି। ଏହା ଦେଖି ହାଡୁର ଦିଲ୍ ଖୁସ୍। ଚଢ଼ିବାକୁ ଚେଷ୍ଟାକଲା ଗୋଟିଏ ଫଳନ୍ତି ନଡ଼ିଆ ଗଛରେ । ହେଲେ ଗଛଚଢ଼ା ଶିଖି ନ ଥିବାରୁ ପଡ଼ିଲା ତଳେ। ତା' ଉପରେ ପଡ଼ିଗଲା ଗୋଟିଏ ଶୁଖିଲା ନଡ଼ିଆ । ହାଡୁର ଅଣ୍ଟା ଭାଙ୍ଗିଗଲା।

ଘରକୁ ଖବର ଗଲା। ଘରବାଲା ଗୋଟିଏ ଶଗଡ଼ଗାଡ଼ିକୁ ଷାଠିଏ ଟଙ୍କା ଭଡ଼ା ଦେଇ ହାଡୁକୁ ଗଛମୂଳୁ ଉଠାଇ ନେଇ ଡାକ୍ତରଖାନାରେ ଭର୍ତ୍ତି କଲେ। ଅତି ଲୋଭ କରି କୃପଣ ହାଡୁ ଶେଷରେ ପାଞ୍ଚଶ ଟଙ୍କା ଡାକ୍ତରଖାନାରେ ଜମା ଦେଇ ଭଲ ହେବା ପରେ କାନମୁଣ୍ଡା ଆଉଁସି ଘରକୁ ଫେରିଲା।

**– ଭିକାରୀ ଚରଣ ପ୍ରଧାନ**
କନ୍ହେଇପୁର, ଖୋର୍ଦ୍ଧା

## ବିନ୍ଦୁ ଯୋଡ଼



## ଖିଲିଖିଲି ହସ

ଶିକ୍ଷକ: ଚିଣ୍ଟୁ,କହିଲ ଏମିତି କେଉଁ ଜାଗା ଅଛି ଯେଉଁଠି ମଣିଷ ମରେନି ?
ଚିଣ୍ଟୁ: ସାର୍, ସ୍ୱର୍ଗ, ନର୍କ ଆଉଗୋଟେ ହେଲା ଷ୍ଟାରପ୍ଲସ।

–ଥରେ ସାନ୍ତା ପରୀକ୍ଷା ଦେବାକୁ ଗଲା। ପରୀକ୍ଷାକୁ ଯିବା ସମୟରେ ସାଥିରେ ପ୍ଲମ୍ବରକୁ ବି ନେଇକି ଯାଇଥିଲା। କାହିଁକି ନା....ତାକୁ ଖବର ମିଳିଯାଇଥିଲା ଯେ ପେପର ଲିକ୍ ହୋଇଯାଇଛି।

–ଥରେ ରାତିରେ ଜଣଙ୍କ ଘରେ ଚୋର ପଶିଗଲା। ଘର ଭିତରେ ଖଡଖଡ ଶବ୍ଦ ଶୁଣିବାରୁ ମାଲିକର ନିଦ ଭାଙ୍ଗିଗଲା। ମାଲିକ: କିଏ ?
ଚୋର: ମିଆଁଉ,ମିଆଁଉ...
ମାଲିକ: କିଏ ?
ଚୋର: ଆରେ ବୁଢ଼ା, ମୁଁ ବିଲେଇ କହୁଛି ବିଲେଇ...।

## ଚଗଲା ଭୀମୁ



# ଗାନ୍ଧୀ ଡିଭାଇନ୍ ପବ୍ଲିକ୍ ସ୍କୁଲ



ଛାତ୍ରୀଛାତ୍ରଙ୍କ ପ୍ରଭାତ ଫେରି।



ସ୍ୱାଧୀନତା ଦିବସ ଅବସରରେ ସ୍କୁଲର ଛାତ୍ରୀଛାତ୍ର।




ପିକ୍‌ନିକ୍ ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ସ୍କୁଲର ଛାତ୍ରୀଛାତ୍ର।

## ଉତ୍ତମ ଚରିତ୍ର ଗଠନ ଲକ୍ଷ୍ୟ

ଗୁରୁକୁଳ ଆଦର୍ଶକୁ ଭିତ୍ତିକରି ଭୁବନେଶ୍ୱରରେ ଗଢ଼ି ଉଠିଛି ଏହି ଶିକ୍ଷାନୁଷ୍ଠାନ। ଖଣ୍ଡଗିରି ଅଞ୍ଚଳ କସ୍ମୋପଲିସ୍ ଆପାର୍ଟମେଣ୍ଟ ନିକଟସ୍ଥ ମଧୁସୂଦନନଗର ପ୍ଲଟ୍ ନଂ. D 3/12(ଡୁମୁଡୁମା ଫେଜ୍-୪)ଠାରେ ଗାନ୍ଧୀ ଡିଭାଇନ୍ ପବ୍ଲିକ୍ ସ୍କୁଲ ନାମରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠିତ। ଇଂଲିଶ ମାଧ୍ୟମ ଏହି ସ୍କୁଲରେ ସିବିଏସ୍‌ଇ ଢାଞ୍ଚାରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି। ଓଡ଼ିଶା ସରକାରଙ୍କ ନିୟମ RTE Act-୨ ଅନୁଯାୟୀ ସ୍କୁଲର ସମସ୍ତ କାର୍ଯ୍ୟକ୍ରମ ଓ ଶିକ୍ଷା ପ୍ରଣାଳୀ ପରିଚାଳିତ। ଏଠାରେ ୨୫% ମାଗଣା ଶିକ୍ଷାଦାନ, ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ/ଶିକ୍ଷକ, ପିଲାଙ୍କ ପାଇଁ ଶୁଦ୍ଧ ପାନୀୟଜଳ, ଶୌଚାଳୟ ବ୍ୟବସ୍ଥା ଓ ଖେଳପଡ଼ିଆ ରହିଛି। ଏଠାରେ ପ୍ଲେ, ନର୍ସରୀଠାରୁ ପଞ୍ଚମ ଶ୍ରେଣୀ ଯାଏ ପାଠ୍ୟକ୍ରମର ବ୍ୟବସ୍ଥା ରହିଛି। ପୁରାତନ ଗୁରୁକୁଳ ଆଦର୍ଶକୁ ଭିତ୍ତିକରି ଗଢ଼ି ଉଠିଥିବା ଏହି ସ୍କୁଲ୍‌ରେ ଉତ୍ତମ ଚରିତ୍ର ଗଠନ ପ୍ରତି ଗୁରୁତ୍ୱ ଦିଆଯାଇଥାଏ। ଆଉ ଅତ୍ୟାଧୁନିକ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଏ। ଏହା ସହିତ ଯୋଗ, ପ୍ରାଣାୟାମ ଏବଂ କମ୍ପ୍ୟୁଟର ଇତ୍ୟାଦି ଶିକ୍ଷାଦାନର ବ୍ୟବସ୍ଥା ରହିଛି ଏଠାରେ। ଅଭିଜ୍ଞ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟ ପରିଚାଳିତ ହେଉଛି। ବୃକ୍ଷରୋପଣ, ପରିବେଶ ସୁରକ୍ଷା, ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଏଠାରେ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦିଆଯାଇଥାଏ। ସ୍କୁଲରେ ଗଣେଶ ପୂଜା, ସରସ୍ୱତୀ ପୂଜା, ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ବାର୍ଷିକ ଉତ୍ସବ, ବାର୍ଷିକ କ୍ରୀଡା, ବଣଭୋଜି, ଗାନ୍ଧୀଜୟନ୍ତୀ, ଗୁରୁଦିବସ, ଶିଶୁ ଦିବସ ଆଦି ପାଳିତ ହୁଏ। ଛାତ୍ରୀ ଛାତ୍ରଙ୍କୁ ଉପଯୁକ୍ତ ପାଠପଢା ସହ ବ୍ୟାବହାରିକ ଜ୍ଞାନ ହାସଲ ଲାଗି ଏଠାରେ ଚେଷ୍ଟା ଜାରି ରହିଛି।




### ସଂକ୍ଷେପରେ

**ସ୍ଥାପନ:**
୨୦୧୭-୧୮

**ଶ୍ରେଣୀ:**
ପ୍ଲେ - ନର୍ସରୀରୁ କ୍ଲାସ୍ ୫

**ମୋଟ ଛାତ୍ରୀଛାତ୍ର:**
୭୫

**ମୋଟ ଶିକ୍ଷୟିତ୍ରୀ/ଶିକ୍ଷକ:**
୮ ଜଣ

**ପ୍ରମୁଖ ଭାଷା:**
ଇଂଲିଶ, ଓଡ଼ିଆ, ହିନ୍ଦୀ

### ଏମାନେ କହନ୍ତି...



ଏହି ଶିକ୍ଷାନୁଷ୍ଠାନର ମୂଳ ଲକ୍ଷ୍ୟ ରହିଛି ପିଲାମାନଙ୍କୁ ସଂସ୍କାରୀ ତଥା ଭଲ ମଣିଷ କରି ଗଢି ତୋଳିବା। ଏହି ଦିଗରେ ସ୍କୁଲର ଶିକ୍ଷୟିତ୍ରୀ/ଶିକ୍ଷକ ତଥା କର୍ମଚାରୀ ମାନେ କାର୍ଯ୍ୟ ଚଳାଇଛନ୍ତି।

**-ଅନମୋଲ ବାବୁ**, *ଉପଦେଷ୍ଟା*



ପିଲାମାନଙ୍କ ସହିତ ମିଶି ତାଙ୍କ ମନର ଭାଷାକୁ ବୁଝି ଶିକ୍ଷା ପ୍ରଦାନ କରିବା ଆମର ଲକ୍ଷ୍ୟ। ଦଣ୍ଡବିହୀନ ଶିକ୍ଷା ପ୍ରଦାନ ପାଇଁ ସଦାସର୍ବଦା ଉଦ୍ୟମ କରିବି।

**-ଗୀତାଞ୍ଜଳି ଚମ୍ପତି**, *ପ୍ରଧାନ ଶିକ୍ଷୟିତ୍ରୀ*



ବାର୍ଷିକ କ୍ରୀଡାରେ ଦୌଡ ପ୍ରତିଯୋଗୀତା।



ଛାତ୍ରୀଛାତ୍ରଙ୍କୁ ଯୋଗଶିକ୍ଷା ପ୍ରଦାନ କରାଯାଉଛି।




ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ।



# ତୁମ ତୂଳୀରୁ



୧




୨



୩



୪



୯



୫




୬



୭



୮



୧୦



ମହମ୍ମଦ ଫରହାନ୍
କ୍ଲାସ-୪,ଭବାଂଶ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବିଦ୍ୟା ନିକେତନ,ହଳଦିଆ, ପଶ୍ଚିମବଙ୍ଗ
୧



ବେଣୁଗୋପାଳ ଭୋଇ
କ୍ଲାସ-୧୦, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଟକ
୨



ନିମିଷା ପାଣିଗ୍ରାହୀ
କ୍ଲାସ-୫, ଡିଏଭି ପବ୍ଲିକ୍ ସ୍କୁଲ,ବୁର୍ଲା
୩



ସ୍ୱୟମ୍ ସାହୁ
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମରାଡିରା, ଅନୁଗୋଳ
୪



ଅନୁଷ୍କା ବେଉରା
କ୍ଲାସ-୫,ସେଣ୍ଟ ଜୋସେଫ ହାଇସ୍କୁଲ, ଭୁବନେଶ୍ୱର
୫



ପ୍ରଶାନ୍ତ ମୁଣ୍ଡା
କ୍ଲାସ-୧୦, ସପୋର୍ଟ ଶିଶୁ ଗୃହ, ଦେବଗଡ଼
୬



ସୌଦାମିନୀ ରାୟ
କ୍ଲାସ-୮,ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ପାଟଣାଗଡ, ବଲାଙ୍ଗୀର
୭



ସିଦ୍ଧି ସମୃଦ୍ଧି ପଣ୍ଡା
କ୍ଲାସ-୬, ଇଣ୍ଡିଆନ୍ ପବ୍ଲିକ ସ୍କୁଲ, କ୍ଷେତରାଜପୁର, ସମ୍ବଲପୁର
୮



ଆରାଧ୍ୟା ମହାନ୍ତି
କ୍ଲାସ-୧,ଡି.ଏଭି ସ୍କୁଲ,ବନହରପାଲି, ଝାରସୁଗୁଡା
୯



ଲିଟିଲ୍ ସାହୁ
କ୍ଲାସ-୯,ଝାଡେଶ୍ୱର ହାଇସ୍କୁଲ,ଘଷିପୂରା, କେନ୍ଦୁଝର
୧୦



# ପ୍ରକୃତିର ଦୁଃଖ

ଦାଉ ସାଧିଦେଲା ପ୍ରକୃତି ବୋଲିକି
ଚାଷୀ ପୁଅ ଗରଗର ।
ପ୍ରକୃତି କହୁଛି ମୁଁ କିଆଁ କରିବି
ସବୁ ଦୋଷଯାକ ତୋର ।।
ପୃଥିବୀ ଉପରେ ବାସ ତୁ କରିଛୁ
ପ୍ରକୃତି ତୋ ପାଇଁ ପ୍ରାଣ ।
ସବୁ ଜାଣିଶୁଣି ବିନାଶ କରୁଛୁ
ତରୁ ଲତା ଗିରି ବଣ ।।
କେବେ ତ ମରୁଡ଼ି କେବେ ଜଳସ୍ରୋତ
ଚାଷକୁ ଭସାଏ କ୍ଷେତେ ।
ମିଛଟାରେ ତୁହି ଚିତ୍କାର କରୁଛୁ
ପରିବେଶ ଚିନ୍ତା କେତେ ?
ଫନୀ ଆସିଗଲା ପବନ ବହିଲା
ଚାଷ ପାଇଁ କରୁ ଦୁଃଖ ।
ପ୍ରକୃତିକୁ ତୁହି ମାରିଦେଇ କେବେ
ପାଇକି ପାରିବୁ ସୁଖ ?

–ପ୍ରସନ୍ନଜିତ ସାହୁ (ଆଚାର୍ଯ୍ୟ)
ନୂଆଗଡ଼, ଜଗତ୍‌ସିଂହପୁର
ମୋ: ୭୩୭୭୬୬୩୪୦୦

## କବିତା

# ଖରାରେ ନ ଯାଅ କାହିଁ

ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠ ମାସ
ପ୍ରଚଣ୍ଡ ରୌଦ୍ର ପରକାଶ,
ଛୋଟ କଥାଟି ମୋର ମାନ
ବେଳହୁଁ ହୁଅ ସାବଧାନ ।
ଖରାରେ କାହିଁ ଯାଅ ନାହିଁ
ଦେହଟା ମାରିଯିବ ଝାଇଁ,
ଦହି, ତୋରାଣି, କାଞ୍ଜିପାଣି
ପିଉଥିବଟି ବେଳ ଜାଣି ।
ଚା, କଫି, ମାଦକ ଦ୍ରବ୍ୟ
ପାଖକୁ ଜମା ନ ମାଡ଼ିବ,
ଜୋତା, ଚପଲ, ଚଷମାକୁ
ନ ଭୁଲିବ ସଙ୍ଗେ ନେବାକୁ ।
ଓଦା ଗାମୁଛା, ଟୋପି, ଛତା
ପୋଷାକ ପିନ୍ଧୁଥିବ ସୂତା,
ହାଲିଆ ଯେବେ ଯିବ ହୋଇ
ଗଛ ତଳେ ବିଶ୍ରାମ ନେଇ,
ଅଂଶୁଘାତକୁ ନ ଡରିବ
ସର୍ବଦା ସତର୍କ ରହିବ ।



–ଗୀତାଞ୍ଜଳି ମହାପାତ୍ର
ଶାମୁକାପାଟଣା, ବାଘମାରୀ, ଖୋର୍ଦ୍ଧା
ମୋ:୮୬୫୮୧୧୧୩୪୪

## ଆସ ଖୋଜିବା



## ଏଥରର ପ୍ରଶ୍ନ ?

❖ ଅମର୍ତ୍ତ୍ୟସେନଙ୍କୁ କେଉଁ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ନୋବେଲ ପୁରସ୍କାର ଦିଆଯାଇଥିଲା ?

❖ ପ୍ରସିଦ୍ଧ ଭାରତୀୟ ବୈଜ୍ଞାନିକ ସି.ଭି. ରମଣଙ୍କୁ କେଉଁ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ଦିଆଯାଇଥିଲା ?

❖ ବିଶ୍ୱପ୍ରସିଦ୍ଧ କବି ରବୀନ୍ଦ୍ରନାଥ ଟାଗୋର ତାଙ୍କର କେଉଁ ପୁସ୍ତକ ପାଇଁ ନୋବେଲ ପୁରସ୍କାର ବିଜେତା ହୋଇଥିଲେ ?

❖ ଭେଙ୍କଟରମନ୍ ରାମକ୍ରିଷ୍ଣନ୍‌ଙ୍କୁ କେଉଁ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ଦିଆଯାଇଥିଲା ?

## ଆର ଥରର ଉତ୍ତର

* ଏସିଆ
* ଅଷ୍ଟ୍ରେଲିଆ
* ପ୍ରଶାନ୍ତ
* ଆଣ୍ଟାର୍କଟିକା
* ରୁଷିଆ
* ଭାଟିକାନ ସିଟି

## କହିଲ ଦେଖି



–ଜଳରୁ
ଜାତ ନୁହେଁ ଜଳଜ,
କମଳା
ନୁହଁଇ ରକ୍ତ ଶୋଷା ପ୍ରାଣୀ ବିକଳା,
ଶୁଭ ଅବସରରେ କରଇ ଧ୍ୱନି
ବିନା ଅଭ୍ୟାସରେ ଫୁଙ୍କି ପାରିବନି,
ଶିରୀ ମନ୍ଦିରକୁ ତା'ର ପ୍ରବେଶ ନାହିଁ
ଶିରୀ କ୍ଷେତ୍ର ବଜାରେ ବହୁ ରୂପେ ମିଳଇ,
କ୍ଷେତ୍ର ନାମ ପୁଣି ତା' ନାମେ ଯୋଡ଼ା
କହିବାକୁ ବାଳକେ ତୁମକୁ ଲୋଡ଼ା ।

ଉତ୍ତର–ଶଙ୍ଖ

–ଦୋଷୀ ପାଇଁ ପ୍ରାଚୀନ ଯୁଗେ ଦଣ୍ଡ
ପେଲି ପେଲି କ୍ଳାନ୍ତ ହୁଅଇ ପିଣ୍ଡ,
କାରାବାସେ ଯେଣୁ ମଣିଷ ପଶୁ
ତୈଳବୀଜ ରାଶି ସୋରିଷ କୁଣ୍ଡେ ପେଷୁ,
ପେଡେ ସାହୁକାର ଉଠି ସଅଳ
କେଁ କେଁ ଶବ୍ଦେ ବଳଦ ଚଞ୍ଚଳ,
କେଉଁଠି ଗଧ ବା ଘୋଡ଼ା ଟାଣଇ
ଆଜି ଲୁହାଯନ୍ତ୍ର ରୂପେ ଚଳଇ,
ସଂଗ୍ରହାଳୟକୁ ଗଲେ ଦେଖିବ
ପୂର୍ବଜଙ୍କ ବୁଦ୍ଧି ପରୀକ୍ଷା କରିବ,
ଶୀତ ସନ୍ଧ୍ୟାରେ ଆଖୁବିଲ ପାଖରେ
ଆଖୁରସ ଚାଷୀନିଏ ଗୁଡ଼ପେଡ଼ାରେ,
ରହେ ବ୍ୟସ୍ତ ଯେବେ ହେବ ହାଜର
ରସ ପିଇବାକୁ ନ ହେବ ଉଛୁର ।

ଉତ୍ତର–ଘଣା





–ଲମ୍ବା ଲମ୍ବା ପତ୍ରେ ଗଢ଼ା ତା' ତନୁ
ନୁହେଁ ଭୋଗ ପାତ୍ର ଭୋଗେଇ ଜାଣୁ,
ଲୁହା ଲେଖନୀରେ ପୁରାଣ ଲେଖି
ବ୍ୟାସ ବଶିଷ୍ଠାଦି ଗଲେ ରଖି,
ବଡ଼ କଷ୍ଟକର ଲେଖନ ଶୈଳୀ
ପୁରାଣ ପଣ୍ଡାଙ୍କ ହୃଦ ଶଙ୍ଖାଳି,
ଜେଜେ, ଜେଜେ ମା' ଆଦର କରି
ସାଲୁକନା ଧୂପ ଚନ୍ଦନ ମାରି,
ମାରନ୍ତି ମୁଣ୍ଡିଆ ସଞ୍ଜ ସକାଳେ
ପୂଜା କରି କାଠ ଚଉଦୋଳେ ।

ଉତ୍ତର–ପୋଥି

–ରମାକାନ୍ତ ପୁରୋହିତ
ନିରାକାରପୁର, ଖୋର୍ଦ୍ଧା

# ଗୋଲାପି ଲାଭା

ବିଜ୍ଞାନ କଥା



ପ୍ରଶାନ୍ତ କୁମାର ମିଶ୍ର

ମୋ ଗାଁ ବୀରଗୋବିନ୍ଦପୁରରେ ଏଥର ସାଧାରଣ ନିର୍ବାଚନ ହେତୁ ମତଦାନ ପାଇଁ ନୂଆକରି ଆଦର୍ଶ ବୁଥ୍‌ଟିଏ ହୋଇଥିଲା। ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଲାଗିଥିଲା ବଡ଼ ବଡ଼ ପୋଷ୍ଟର ଏବଂ ବ୍ୟାନର। ବାପା, ବୋଉଙ୍କ ସଙ୍ଗେ ଭୋଟ ଦେବାକୁ ଯାଇ ଦେଖିଲି ବଡ଼ ବଡ଼ ଅକ୍ଷରରେ ଲେଖାଅଛି ଗୋଲାପି ବୁଥ୍।

ଗୋଲାପି ବୁଥ୍ ଲେଖା ପଛରେ କାରଣ କ'ଣ ଜାଣିବାକୁ ବାପା ଜିଜ୍ଞାସା କଲେ। ଯାଇ ପଚାରି ବୁଝେତ, ଜାଣିବାକୁ ମିଳିଲା, ଗୋଲାପି ବୁଥ୍‌ରେ କାର୍ଯ୍ୟରତ ଥିବା ସମସ୍ତ ପୋଲିଂ ଅଧିକାରୀ ମହିଳା। ଆଉ ବିଶେଷକରି ମହିଳାମାନଙ୍କ ମର୍ଯ୍ୟାଦା, ସମ୍ମାନ ଆଉ ପାରିଲାପଣର ଏହା ଏକ ଦୀପ୍ତିମନ୍ତ ପରିକଳ୍ପନା କରାଯାଇଥିଲା ନିର୍ବାଚନ ଆୟୋଗଙ୍କ ଦ୍ୱାରା।

ବାପାଙ୍କ ବଦନ ପ୍ରସନ୍ନିତ ଦେଖାଗଲା, ଆଉ କହିଲେ, ଯାହାହେଉ ବିଳମ୍ବିତ ହେଉପଛେ ଶେଷରେ ମହିଳାମାନଙ୍କୁ ଉଚିତ ସମ୍ମାନ ମିଳିଲା। ଆଉ ବୋଉଙ୍କୁ ଚିଡ଼େଇବା ଉଦ୍ଦେଶ୍ୟରେ ବାପା ମତେ କହିଲେ– ଗୋଟେ କଥା କେବେ ଲକ୍ଷ୍ୟ କରିଛୁ, ତୋ ବୋଉ ରାଗିଗଲେ କେମିତି ପାଚିକି ଲାଲ ଦେଖାଯାଏ, ଠିକ ଏଇ ବୁଥ୍‌ରେ ଲାଗିଥିବା ଗୋଲାପି ରଙ୍ଗର ପୋଷ୍ଟର ପରି।

ବୋଉଙ୍କ ସପକ୍ଷରେ ଉତ୍ତର ଦେବାକୁ ଯାଇ କହିଲି ବୋଉ ରାଗିଗଲେ ଖାଲି ପାଚିକି ଗୋଲାପି ଦେଖାଯାଏନି ଆମ ପୃଥିବୀ ମାଆ ବି ରାଗିଗଲେ– ଗୋଲାପି ବର୍ଣ୍ଣର ଲାଭା ଉଦ୍‌ଗିରଣ କରେ।

ସତରେ ନା କ'ଣ ? ବିସ୍ମୟର ସହ ପ୍ରଶ୍ନ କଲେ ବାପା। ଆଉ ସେ ଉଦ୍‌ଗିରଣ ବିଷୟରେ ଭଲକରି ବୁଝାଇ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଲେ।

ତେଣୁ ବାପାଙ୍କୁ ବୁଝାଇବାକୁ ଯାଇ କହିଲି, ପୃଥିବୀର ବାହ୍ୟପୃଷ୍ଠକୁ ଏକ ପଥୁରିଆ କଠିନ ଆବରଣ ଆଚ୍ଛାଦନ କରି ରଖିଛି, ଯାହା କି ଭୂ-ତ୍ୱକ୍ ନାମରେ ନାମିତ। ମାତ୍ର, ଭୂ-ତ୍ୱକ୍ ସଂଲଗ୍ନ ନିମ୍ନ ଅଂଶରେ ରହିଛି ମଧ୍ୟସ୍ତର (Mantle) ଯାହା କି ବିଭିନ୍ନ ଶିଳା ସମୂହର ସମାହାର। ଭୂ-ତ୍ୱକ୍‌ର ନିମ୍ନ ଅଂଶରେ ଶିଳାଖଣ୍ଡଗୁଡ଼ିକ କ୍ରମାନ୍ୱୟୀ ତାପ ଓ ଚାପର ବୃଦ୍ଧି ପ୍ରଭାବରେ ସାଧାରଣତଃ ତରଳ ଅବସ୍ଥାକୁ ପରିବର୍ତ୍ତନ ହୋଇଯାଏ। ଉକ୍ତ ଉତ୍ତପ୍ତ ତରଳ ଶିଳା ପଦାର୍ଥ ସମୂହକୁ ଲାଭା କୁହାଯାଏ। ଉତ୍ତପ୍ତ ତରଳ ଲାଭା ଭୂ-ପୃଷ୍ଠସ୍ଥିତ ଫାଟ ବାଟ ଦେଇ ଭୂ-ପୃଷ୍ଠର ଆଗମନକୁ ଆଗ୍ନେୟଗିରି କୁହାଯାଏ।

ଯଦିବା ଆଗ୍ନେୟଗିରିରୁ ଲାଭା ନିର୍ଗମନ ହୋଇଥାଏ ମାତ୍ର ଏହା ସଦାସର୍ବଦା ହୁଏ ନାହିଁ। ସମୟେ ସମୟେ ଭୂ-ପୃଷ୍ଠରେ ଚାପର ବ୍ୟତିକ୍ରମ ଘଟିଲେ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହୁଏ। ଲାଭା ଉଦ୍‌ଗିରଣ ସମୟର ବ୍ୟବଧାନ ଅନୁଯାୟୀ ଆଗ୍ନେୟଗିରିକୁ ତିନି ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ମୁଖ୍ୟତଃ ହେଲା ସକ୍ରିୟ ଜୀବନ୍ତ ଆଗ୍ନେୟଗିରି, ସୁପ୍ତ ଆଗ୍ନେୟଗିରି ଏବଂ ବିଲୁପ୍ତ ଆଗ୍ନେୟଗିରି।

ଆଗ୍ନେୟ ଉଦ୍‌ଗିରଣ ହେତୁ ଲାଭାର ନିର୍ଗମନ। ମାତ୍ର, ଲାଭା ନିର୍ଗମନ ସାଥେ ସାଥେ କିଛି ଅନ୍ୟାନ୍ୟ ଭୂ-ମଧ୍ୟସ୍ଥ ଉତ୍ପାଦ ମଧ୍ୟ ନିର୍ଗତ ହୋଇଥାଏ, ଯାହା କି କଠିନ, ତରଳ ଏବଂ ଗ୍ୟାସୀୟ ଅବସ୍ଥାରେ ମିଳିଥାଏ। ଆଗ୍ନେୟଗିରିରୁ ବିସ୍ଫୋରିତ ଉତ୍ପାଦଗୁଡ଼ିକ ମଧ୍ୟରେ ଶକ୍ତ ଆଗ୍ନେୟପଥର (Volcanic Blocks), ଆଗ୍ନେୟ ବମ (Volcanic Bombs), ଲାପିଲି (Lapili), ଅଙ୍ଗାର (Cinder), ପାଉଁଶ (Ash), ସୂକ୍ଷ୍ମ ପାଉଁଶ (Fine Ash) ଇତ୍ୟାଦି ଅନ୍ୟତମ। ଆଗ୍ନେୟ ଉଦ୍‌ଗିରଣ ସମୟରେ ଶତକଡ଼ା ୬୦ରୁ ୯୦ ପ୍ରତିଶତ ଉତ୍ତପ୍ତ ବାୟୁ ଓ ଜଳୀୟ ବାଷ୍ପ ମଧ୍ୟ ଭୂପୃଷ୍ଠକୁ ଆସିଥାଏ। ତତ୍‌ସଙ୍ଗେ ସଙ୍ଗେ ଅଙ୍ଗାରକାମ୍ଳ ($CO_2$), ଉଦଜାନ ($H_2$), ଯବକ୍ଷାରଜାନ ($N_2$), ବୋରିକ ଅମ୍ଳ ଆଦି ମଧ୍ୟ ବିସ୍ଫୋରିତ ହୋଇଥାଏ।

ଆମ ପୃଥିବୀ ଅନେକଗୁଡ଼ିଏ ଅଶ୍ମ ମଣ୍ଡଳୀୟ ପ୍ଲେଟର ସମାହାର। ଅଶ୍ମ ମଣ୍ଡଳୀୟ ପ୍ଲେଟର ଅନ୍ତିମ ପାର୍ଶ୍ୱଠାରେ ଅନ୍ୟାନ୍ୟ ପ୍ଲେଟ ସବୁ ସମ୍ମିଳିତ ହୋଇଥାନ୍ତି, ଯାହାକୁ ପ୍ଲେଟର ସୀମା ବା ପ୍ଲେଟ ବାଉଣ୍ଡାରି କୁହାଯାଏ। ପ୍ରଶାନ୍ତ ମହାସାଗରର ଚତୁଃପାର୍ଶ୍ୱରେ ଘେରି ରହିଥିବା ପ୍ଲେଟଗୁଡ଼ିକ ଏକତ୍ରିତ ହୋଇ ଅଣଓସାରିଆ ବଳୟ ସୃଷ୍ଟି କରିଥାନ୍ତି, ଯାହାକୁ ପ୍ରଶାନ୍ତ ମହାସାଗରୀୟ ଆଗ୍ନେୟ ମୁଦ୍ରିକା ବଳୟ କୁହାଯାଏ। ପ୍ରଶାନ୍ତ ମହାସାଗରୀୟ ଆଗ୍ନେୟ ମୁଦ୍ରିକା ବଳୟର ଚତୁଃପାର୍ଶ୍ୱରେ ଅନେକଗୁଡ଼ିଏ ଆଗ୍ନେୟଗିରି ଠାବ କରାଯାଇଛି। ଏହାବ୍ୟତୀତ ହାୱାଇ ଦ୍ୱୀପ, ମାଡ଼ାଗାସ୍କର, ଆଫ୍ରିକାର ପର୍ବତଶ୍ରେଣୀ, ଭୂମଧ୍ୟସାଗର ଏବଂ ଜାପାନ ଉପକୂଳବର୍ତ୍ତୀ ଅଞ୍ଚଳ ଆଦିରେ ଲାଭା ଉଦ୍‌ଗିରଣ ଆଗ୍ନେୟଗିରିର ସନ୍ଧାନ ମିଳିଛି।

ମୋର ବାକ୍ୟକୁ ସମ୍ପୂର୍ଣ୍ଣ କରିବାକୁ ନ ଦେଇ, ଆରେ ସେ ଗୋଲାପି ଲାଭା ଉଦ୍‌ଗିରଣ ବିଷୟରେ କିଛି ମନ୍ତବ୍ୟ ଦେଲୁନି କହି ବାପା ଅଭିଯୋଗ କଲେ। ମହାଜାଗତିକ ଘଟଣାପରି, ପୃଥିବୀ ବକ୍ଷରେ ଗୋଲାପି ଲାଭା ଉଦ୍‌ଗିରଣ ମଧ୍ୟ ଏକ ବିରଳ ଘଟଣା ବୋଲି ମୁଁ ବାପାଙ୍କୁ ମତାମତ ଦେଲି। ପୁନଶ୍ଚ ବୁଝାଇବାକୁ ଯାଇ କହିଲି, ଗୋଲାପି ଲାଭାର ଭୌତିକ ପ୍ରକୃତି, ରାସାୟନିକ ସଂରଚନା ଏବଂ ମୌଳିକ ଗଠନର ସାମଞ୍ଜସ୍ୟ ଯଦିବା ସାଧାରଣ ଉଦ୍‌ଗିରିତ ଲାଭା ସହ ସମାନ, ମାତ୍ର ଆମ ଶରୀରର ବର୍ଣ୍ଣକୁ ମେଲାନିନ ନିର୍ଦ୍ଧାରଣ କରିବା ପରି, ଲୌହର ଉପସ୍ଥିତି ଲାଭାର ବର୍ଣ୍ଣକୁ ନିୟନ୍ତ୍ରିତ କରେ। ଅର୍ଥାତ୍ ଭୂ-ନିମ୍ନରେ ବେଶି ପରିମାଣର ବାସାଲ୍ଟ ପରି ଲୋହିତ ରଙ୍ଗର ଶିଳା ଥିଲେ ତାହା ଲାଭାକୁ ଗୋଲାପି ବର୍ଣ୍ଣ ପ୍ରଦାନ କରିଥାଏ। ଭୋଟ ଦେବାକୁ ଯାଇ, ଆମ ବାପା-ପୁଅଙ୍କ ଆଲୋଚନା ଅଛିଣ୍ଡା କାହାଣୀ ପରି ଲମ୍ବୁ ଥିବାର ଦେଖି, ତୋର ସେ ଗୋଲାପି ଲାଭା କେଉଁଠି ମିଳେ ଟିକେ ଜଲ୍‌ଦି କହ, ଗପର ପରିସମାପ୍ତି କରିବାକୁ ବୋଉ ତାଗିଦ କଲେ।

ପ୍ରଶାନ୍ତ ମହାସାଗରର ହାୱାଇ ଦ୍ୱୀପଠାରେ ଅବସ୍ଥିତ କିଲାୟୁଆ ସ୍ଥାନରେ ଶେଷଥର ପାଇଁ ସେପ୍ଟେମ୍ବର ୨୦୧୮ରେ ଏପରି ଲାଭା ମିଳିଥିବାର ସୂଚନା ଦେଲି। ନ୍ୟୁଜିଲାଣ୍ଡଠାରେ ଗୋଲାପି ଲାଭା ମିଳୁଥିବାର ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବା ଏକ ଭିଡ଼ିଓ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମନଗଢ଼ା ମିଥ୍ୟା କାହାଣୀ ବୋଲି କହିସାରିବା ପରେ ବାପା, ବୋଉ ଏବଂ ମୁଁ ଭୋଟଦାନ ପ୍ରକୋଷ୍ଠର ଗୋଲାପି ବୁଥ୍ ଆଡ଼କୁ ଅଗ୍ରସର ହେଲୁ।

*–ସରକାରୀ ମହାବିଦ୍ୟାଳୟ ସୁନ୍ଦରଗଡ଼*

## ଜଣା ଅଜଣା




✲ ଆମ ନାକରେ ପ୍ରାକୃତିକ ଏୟାର କଣ୍ଡିଶନର୍ ପରି ବ୍ୟବସ୍ଥା ରହିଛି, ଯାହା ଗରମ ପବନକୁ ଥଣ୍ଡା ଏବଂ ଥଣ୍ଡା ପବନକୁ ଗରମ କରି ଫୁସଫୁସ୍ ମଧ୍ୟକୁ ପଠାଇଥାଏ।



✲ ଚନ୍ଦନ କାଠ ଏହାର ସୁଗନ୍ଧ ପାଇଁ ପ୍ରସିଦ୍ଧ ଥିବା ବେଳେ ଜାଣି ଆଶ୍ଚର୍ଯ୍ୟ ହେବେ ଏହାର ଫୁଲର ବିଶେଷ ସୁଗନ୍ଧ ନ ଥାଏ।

✲ ଭାରତ ହେଉଛି ପୃଥିବୀର ସବୁଠାରୁ ଅଧିକ କଦଳୀ ଉତ୍ପାଦନକାରୀ ଦେଶ।





ଶ୍ରୀୟାଂଶୀ
୭ ବର୍ଷ



ଆର୍ଯ୍ୟାଂଶ
୬ ବର୍ଷ



କଳସ
୯ ବର୍ଷ